ଆୟକର ଆୟୁକ୍ତ ବିହାର ଏବଂ ଓଡ଼ିଶା

ବନାମ

ବେଟିଆର, ଭୂସମ୍ପତ୍ତି ପରିପାଳନ ଅଧିକରଣ, ପରିଚାଳକ

ଫେବୃଆରୀ 24, 1967

[ଏମ୍. ହିଦାୟତୁଲ୍ଲା, ଜେ. ଏମ୍. ଶେଲାଟ୍ ଏବଂ ଜି. କେ. ମିତ୍ତର, ନ୍ୟାୟାଧୀଶବୃନ୍ଦ]

*ପ୍ରଥା ଏବଂ ପ୍ରକ୍ରିୟା-ଟିକସ ଉତ୍ତରଦାୟିତ୍ୱ-ମକଦ୍ଦମାର ଫଳାଫଳ ଉପରେ ଉତ୍ତରଦାୟିତ୍ୱ ନିର୍ଭରଶୀଳ -ମକଦ୍ଦମାର ଫଳାଫଳ-ମାଲିକାନା ମକଦ୍ଦମା ବିଚାରାଧୀନ ଥିବା ସମୟରେ କରାଯାଇଥିବା ନ୍ୟାୟାଳୟଙ୍କର ନିର୍ଦ୍ଧାରଣକୁ-ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଧାରଣକୁ ବାତିଲ କରିଦେବା-ଔଚିତ୍ୟ - ଅନୁସରଣ କରାଯିବାକୁଥିବା ପ୍ରକ୍ରିୟା ।*

ବେଟିଆ ଭୂସମ୍ପତ୍ତିର ଦାୟାଦ ବୋଲି ଦାବି କରୁଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ମକଦ୍ଦମା ବିଚାରଧୀନ ଥିବା ସମୟରେ, ଏବଂ ଯାହା ଅଭିଭାବକ ଅଦାଲତଙ୍କ ପରିଚାଳକଙ୍କ ଦଖଲରେ ଥିଲା, ଆୟକର ଅଧିକାରୀ ପରିଚାଳକଙ୍କ ଉପରେ ଏକ ଟିକସ ଧାର୍ଯ୍ୟ କରିଥିଲେ । ସେହି କାର୍ଯ୍ୟାନୁଷ୍ଠାନରେ ବିହାର ରାଜ୍ୟ ଏବଂ ପରିଚାଳକ ଦାବି କରିଥିଲେ ଯେ ସମ୍ପତ୍ତିଟି ବାଜ୍ୟାପ୍ତି ଦ୍ୱାରା ରାଜ୍ୟର କ୍ଷମତାଧୀନ ଥିଲା ଏବଂ ତେଣୁ ଆୟକର ପାଇଁ ଦାୟୀ ନୁହେଁ । ଆୟକର ଅଧିକାରୀ, ଅପିଲୀୟ ସହାୟକ ଆୟୁକ୍ତ ଏବଂ ନ୍ୟାୟାଧିକରଣ ନିର୍ଣ୍ଣୟ ନେଇଥିଲେ ଯେ ଯେହେତୁ ମକଦ୍ଦମା ବିଚାରାଧୀନ ଅଛି, ତେଣୁ ସମ୍ପତ୍ତି ବିଷୟରେ ଏହା କୁହାଯାଇପାରିବ ନାହିଁ ଯେ ଏହି ବାଜ୍ୟାପ୍ତି/ରାଜସତ୍ ଦ୍ୱାରା ରାଜ୍ୟର କ୍ଷମତାଧୀନ ଥିଲା । ଉଚ୍ଚ ନ୍ୟାୟାଳୟ ବିଚାରର୍ଥେ ପ୍ରେରଣରେ କହିଛନ୍ତି ଯେ ଆୟକର କର୍ତ୍ତୃପକ୍ଷ ଟିକସ ଲାଗୁ କରିପାରିବେ ନାହିଁ । ଏହି ନ୍ୟାୟାଳୟ, ଏହି ଅପିଲରେ ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ଅଗ୍ରାହ୍ୟ କରିଛନ୍ତି ।

ନିର୍ଣ୍ଣିତ ଯେ ମକଦ୍ଦମାର ସମାଧାନ ପରେ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହେବା ଉଚିତ ଏବଂ ଆବଶ୍ୟକ ହେଲେ ଉଚ୍ଚ ନ୍ୟାୟାଳୟ ମାମଲାର ଏକ ସମର୍ଥିତ ବିବୃତି ମଗାଇ ପାରିବେ [750D]

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1172/1965 ।

ବିବିଧ ନ୍ୟାୟିକ ମାମଲା ସଂଖ୍ୟା 566/1960 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର 1963 ମସିହା ଡିସେମ୍ବର 17 ତାରିଖର ରାୟ ଏବଂ ଆଦେଶରୁ ।

ଆର୍. ଏଚ୍. ଢେବର ଆର୍. ଏନ୍. ସଚଥେଙ୍କ, ଅପିଲକାରୀଙ୍କ ପାଇଁ ।

ଉତ୍ତରଦାତାଙ୍କ ପାଇଁ ଏସ୍. ପି. ବର୍ମା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ମିତ୍ତର : ଏହା ପାଟନାର ଉଚ୍ଚ ନ୍ୟାୟାଳୟଙ୍କର ଏକ ରାୟ ଏବଂ ଉତ୍ତର ବିରୁଦ୍ଧରେ ଏକ ଆବେଦନ, ଯାହା 1922 ର ଆୟକର ଆଇନର ଧାରା 66-A (2) ଅନୁଯାୟୀ ପ୍ରଦାନ କରାଯାଇଥିବା ଏକ ପ୍ରମାଣପତ୍ର ଉପରେ ଆଗତ କରାଯାଇଛି, ଯାହା 1961 ର ଆୟକର ଆଇନର ଧାରା 261 ସହିତ ସମାନ।ଧାରା 66 (1) ଅନୁଯାୟୀ ନ୍ୟାୟାଧିକରଣ ଆଇନର ଦୁଇଟି ପ୍ରଶ୍ନ ଉଚ୍ଚ ନ୍ୟାୟାଳୟକୁ ପଠାଇଥିଲେ ।

" 1. ମାମଲାର ତଥ୍ୟ ଏବଂ ପରିସ୍ଥିତି ଆଧାରରେ, ବେଟିଆ ଭୂସମ୍ପତ୍ତିରୁ ଆୟ ସମ୍ବନ୍ଧରେ ୱାର୍ଡସ୍ ନ୍ୟାୟାଳୟ, ବେତିୟା ଇଷ୍ଟେଟ୍ ର ପରିଚାଳକଙ୍କ ଉପରେ କର ଧାର୍ଯ୍ୟ କରାଯାଇପାରିବ କି?

2. ଯଦି ବେଟିଆ ଭୂସମ୍ପତ୍ତିରୁ ଆୟ ବାବଦରେ ଅଭିଭାବକ ଅଦାଲତଙ୍କର ପରିଚାଳକଙ୍କ ଉପରେ କରଧାର୍ଯ୍ୟ କରାଯାଇପାରିବ, ତେବେ ଆୟକର ଅଧିନୀୟମର ଧାରା 41 (1) ଅନୁଯାୟୀ ସର୍ବାଧିକ ହାରରେ ଟିକସ ଲାଗୁ ହେବ କି?

"ମାମଲାର ତଥ୍ୟ ନିମ୍ନରେ ଦିଆଗଲା :- ବିହାରର ବେଟିଆ ଭୂସମ୍ପତ୍ତିର ଶେଷ ଧାରକ ମହାରାଣୀ ଜାନକୀ କୁଏର 1954 ମସିହା ନଭେମ୍ବର 27 ତାରିଖରେ ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ପୂର୍ବରୁ ଅନେକ ବର୍ଷ ଧରି, ଭୂସମ୍ପତ୍ତି ଅଭିଭାବକ ଅଦାଲତଙ୍କର ପରିଚାଳନା ଅଧୀନରେ ଥିଲା ଏବଂ ତାଙ୍କ ମୃତ୍ୟୁ ପରେ ମଧ୍ୟ ବି ଏହିପରି ପରିଚାଳନା ଅଧୀନରେ ରହିଥିଲା କାରଣ ସେ ବଙ୍ଗଳା ଅଭିଭାବକ ଅଦାଲତଙ୍କର ଅଧିନିୟମ (IX /1879) ର ଧାରା 13 ଅଧୀନରେ କୌଣସି ଉତ୍ତରାଧିକାରୀ ଛାଡିଥିଲେ କି ନାହିଁ ତାହା ଜଣା ନଥିଲା ।

" ଯେତେବେଳେ କୌଣସି ପ୍ରତିପାଳକଙ୍କ ମୃତ୍ୟୁ ପରେ, ତାଙ୍କ ସମ୍ପତ୍ତି କିମ୍ବା ଏହାର କୌଣସି ଅଂଶର ଉତ୍ତରାଧିକାର ବିବାଦରେ ଥାଏ, ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରନ୍ତି ଯେ ଏପରି ସମ୍ପତ୍ତି କିମ୍ବା

ଏହାର କିଛି ଅଂଶ ଏପରି ସମ୍ପତ୍ତି ଦାବି କରୁଥିବା କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ, କିମ୍ବା 1876 ମସିହାର ବଙ୍ଗଳା ଅଧିନିୟମର ଧାରା 7 ଅନୁଯାୟୀ ଦାବିଦାରଙ୍କ ଦଖଲ ଅଧିକାର ସ୍ଥିର ନହେବା ପର୍ଯ୍ୟନ୍ତ କିମ୍ବା ଏକ ସକ୍ଷମ ଦେୱାନୀ ନ୍ୟାୟାଳୟ ଦ୍ୱାରା ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ଏହାର ଦାୟିତ୍ୱ ବଜାୟ ରଖିପାରିବେ ।

" କୋର୍ଟ" "ର ଅର୍ଥ ହେଉଛି ପ୍ରତିପାଳକ ନ୍ୟାୟାଧିକରଣ । ସୁରେଶ ନନ୍ଦନ ସିହ୍ନା ନାମକ ଜଣେ ବ୍ୟକ୍ତି ମୃତ ମହାରାଣୀଙ୍କ ନିକଟତମ ଦାୟାଦ ବୋଲି ଦାବି କରି ଅଭିଯୋଗରେ ଥିବା ଭୂସମ୍ପତ୍ତି ଉପରେ ଏକ ମକଦ୍ଦମା ଦାୟର କରିଥିଲେ । ମହାରାଣୀଙ୍କ ମୃତ୍ୟୁ ପରେ, ଆୟକର ଅଧିକାରୀ ପ୍ରତିପାଳକ ନ୍ୟାୟାଧିକରଣର ପ୍ରତିନିଧିତ୍ୱ କରୁଥିବା ବେତିୟାଙ୍କ ସମ୍ପତ୍ତିର ପରିଚାଳକଙ୍କ ଉପରେ କରାଧାର୍ଯ୍ୟ କରିଥିଲେ , ଆକଳନ ବର୍ଷ 1956-57 ଏବଂ ବିବରଣୀ ପ୍ରଦାନ କରାଯାଇଥିବା ବର୍ଷ ହେଉଛି ଆର୍ଥିକ ବର୍ଷ 1955-56 । ବିହାର ସରକାର ଦାବି କରିଥିଲେ ଯେ ଏହି ଭୂସମ୍ପତ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତି କରାଯାଇଥିଲା ଏବଂ ପ୍ରତିପାଳନ ନ୍ୟାୟାଧିକରଣଙ୍କର ପରିଚାଳକ ସେହି ଦାବି ଆୟକର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ରଖିଥିଲେ । ପରିଚାଳକଙ୍କ ଦ୍ୱାରା ଆଉ ଏକ ଯୁକ୍ତି ଉଠାଯାଇଥିଲା ଯେ ଯଦିଓ ଭୂସମ୍ପତ୍ତିର ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କ ଉପରେ କରଧାର୍ଯ୍ୟ କରାଯାଇଥିଲା, ଆୟକର ଅଧିନିୟମ 1922 ର ଧାରା 41 (1) ଅନୁଯାୟୀ ଆୟ ଉପରେ ସର୍ବାଧିକ ହାରରେ ଟିକସ ଲାଗୁ କରାଯିବା ଉଚିତ ନୁହେଁ । ଯେହେତୁ ମକଦ୍ଦମା ବିଚାରାଧୀନ ଥିଲା, ଆୟକର ଅଧିକାରୀ ଏବଂ ଅପିଲୀୟ ସହାୟକ ଆୟୁକ୍ତ ଉଭୟ ମତବ୍ୟକ୍ତ କରିଛନ୍ତି ଯେ ଭୂସମ୍ପତ୍ତି ବିଷୟରେ ଏହା କୁହାଯାଇପାରିବ ନାହିଁ ଯେ ଏହା ବାଜ୍ୟାପ୍ତି ଦ୍ୱାରା ରାଜ୍ୟକୁ ପ୍ରଦାନ କରାଯାଇଛି ଏବଂ ସେମାନେ ଏହା ମଧ୍ୟ ମତବ୍ୟକ୍ତ କରିଥିଲେ ଯେ ଆୟ ସର୍ବାଧିକ ହାରରେ ଟିକସଯୋଗ୍ୟ ହେବ । ଅପିଲୀୟ ନ୍ୟାୟାଧିକରଣ ସମ୍ମୁଖରେ ସମାନ ଆବେଦନ କରାଯାଇଥିଲା ଏବଂ ନ୍ୟାୟାଧିକରଣ ମନ୍ତବ୍ୟ ଦେଇଥିଲେ ଯେ ମହାରାଣୀଙ୍କ ମୃତ୍ୟୁ ପରେ ସରକାରଙ୍କ ଦ୍ୱାରା କୌଣସି ଅଧିସୂଚନା ଜାରି କରାଯାଇ ନାହିଁ କିମ୍ବା ପରେ ଏହି ଭୂସମ୍ପତ୍ତି ବିହାର ରାଜ୍ୟକୁ ବାଜ୍ୟାପ୍ତି ଆଧାରରେ ପ୍ରଦାନ କରାଯାଇଛି ବୋଲି କୌଣସି ନିଶ୍ଚିତତା ନାହିଁ ଯାହା ଆଧାରରେ ନିର୍ଣ୍ଣୟ ନିଆଯାଇପାରିବ ଯେ ବିଚାରାଧୀନ ମକଦ୍ଦମାରେ କିଏ ଚୂଡ଼ାନ୍ତ ଦାୟାଦୀ ହେବେ ।

ଏହି ମାମଲାରେ ଉଚ୍ଚ ନ୍ୟାୟାଳୟ, ସମ୍ବିଧାନର ଅନୁଚ୍ଛେଦ 289 ଏବଂ 296 ଏବଂ ପକ୍ଷମାନଙ୍କ ତରଫରୁ ଅନୁରୋଧ କରାଯାଇଥିବା ଯୁକ୍ତିକୁ ଟିପ୍ପଣୀରେ ରଖି କହିଛନ୍ତି :

"ବର୍ତ୍ତମାନର ମାମଲାର ମକଦ୍ଦମାସ୍ଥିତିରେ, ଏହା ସ୍ପଷ୍ଟ ଯେ ଆୟକର କର୍ତ୍ତୃପକ୍ଷ ଯେ ବିହାର ରାଜ୍ୟ ଦ୍ୱାରା ସମ୍ପତି ବାଜ୍ୟାପ୍ତି ବିଷୟ ପ୍ରମାଣିତ ହୋଇଛି କି ନାହିଁ ନିର୍ଦ୍ଧାରଣ ନକରି ବୈଧ ଭାବରେ ବେଟିଆ ପରିପାଳକ ଅଧିକାରଣର ପରିଚାଳକଙ୍କ ଉପରେ ଟିକସ ଲାଗୁ କରିପାରିବେ ନାହିଁ, କେବଳ ଏହି କାରଣ ପାଇଁ ବେଟିଆ ସମ୍ପତିର ଉତ୍ତରାଧିକାରୀ ସମ୍ବନ୍ଧରେ ଏକ ମାଲିକାନା ମକଦ୍ଦମା ଦାୟର କରାଯାଇଛି ।

ଏହି ଦୃଷ୍ଟିକୋଣରୁ, ପ୍ରଥମ ପ୍ରଶ୍ନର ଉତ୍ତର କରଦାତାଙ୍କ ସପକ୍ଷରେ ଦିଆଯାଇଥିଲା ଏବଂ ଦ୍ୱିତୀୟ ପ୍ରଶ୍ନର କୌଣସି ଉତ୍ତର ଦିଆଯାଇ ନଥିଲା କାରଣ ଏହା ବ୍ୟବହାରିକ ଥିଲା ।

ପ୍ରତିବାଦୀଙ୍କ ତରଫରୁ ଏହା ଦାବି କରାଯାଇଥିଲା-ଏବଂ ଅପିଲକାରୀଙ୍କ ଦ୍ୱାରା ଅସ୍ୱୀକାର କରାଯାଇ ନଥିଲା-ଯେ ସୁରେଶ ନନ୍ଦନ ସିଂଙ୍କ ମକଦ୍ଦମା ଖାରଜ ହୋଇଛି, କିନ୍ତୁ ସେଥିରୁ ଏକ ଅପିଲ ଦାୟର ଗ୍ରହଣ କରାଯାଇଛି ଏବଂ ବିଚାରାଧୀନ ରହିଛି । ବର୍ତ୍ତମାନ ଆମ ସମ୍ମୁଖରେ ଯେଉଁ ତଥ୍ୟ ସବୁ ଦେଖାଯାଉଛି, ସେଗୁଡିକ ଆଧାରରେ ଏହା କହିବା ସମ୍ଭବ ନୁହେଁ ଯେ ବେତିୟା ସମ୍ପତ୍ତି ବିହାର ରାଜ୍ୟକୁ ବାଜ୍ୟାପ୍ତି ହୋଇ ଚାଲିଯାଇଛି । ଏହା ସ୍ପଷ୍ଟ ଯେ ଏପରି ବାଜ୍ୟାପ୍ତି କ୍ଷେତ୍ରରେ ଆୟକରର କୌଣସି ଆକଳନ କରାଯାଇପାରିବ ନାହିଁ । ସୁରେଶ ନନ୍ଦନ ସିହ୍ନାଙ୍କ ଆବେଦନର ସମାଧାନ ହେବା ପରେ ସ୍ଥିତି ସ୍ପଷ୍ଟ ହେବ ।  ମାମଲାର ଏହି ଦୃଷ୍ଟିକୋଣରୁ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ବାତିଲ କରିଦିଆଯାଇଛି । ମକଦ୍ଦମାର ସମାଧାନ ପରେ କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ହେବା ଉଚିତ ଏବଂ ଉଚ୍ଚ ନ୍ୟାୟାଳୟ ଆବଶ୍ୟକ ମନେକଲେ ମାମଲାର ଏକ ଅନୁସ୍ୱରିକ ବିବୃତି ମଗାଇ ପାରିବେ । ବିହାର ରାଜ୍ୟ ଦ୍ୱାରା ଭୂସମ୍ପତ୍ତିର ବାଜ୍ୟାପ୍ତି କରାଯାଇଛି କି ନାହିଁ, ଏହି  ପ୍ରଶ୍ନଟି ଉନ୍ମୁକ୍ତ ରହିଛି, ଏବଂ ଏହି ଅପିଲ୍ ର  ଖର୍ଚ୍ଚ ଉଚ୍ଚ  ନ୍ୟାୟାଳୟର ଚୂଡ଼ାନ୍ତ ନିର୍ଣ୍ଣୟ ଦ୍ୱାରା ପାଳିତ ହେବ । ଯଦି ଏହା ଜଣାପଡ଼େ ଯେ ବାଜ୍ୟାପ୍ତି ସଂଗଠିତ ହୋଇସାରିଛି, ତେବେ ଆମ ସମ୍ମୁଖରେ ଥିବା ଅପିଲକାରୀଙ୍କୁ ଏହି  ଅପିଲର ମୂଲ୍ୟ ଦେବାକୁ ପଡିବ ଏବଂ ଯଦି କୌଣସି ବାଜ୍ୟାପ୍ତି ହୋଇନାହିଁ, ତେବେ ଆୟୁକ୍ତ ଏହି ଅପିଲର ମୂଲ୍ୟ ବହନ କରିବେ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।